# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27th December – 2025

*************************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟମନ୍ଦିର' ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଅପୂର୍ବ ନିଦର୍ଶନ; କହିଲେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ।

- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ନେଇ ଜାରି ରହିଛି ଉଚ୍ଚସ୍ତରୀୟ ବୈଠକ ।

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେଉଛି ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୯ତମ ସଂସ୍କରଣ । ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***Puri/R***

# ଜ୍ଞାନେଶ କୁମାର

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ତିନିଦିନିଆ ଓଡ଼ିଶା ଗସ୍ତରେ ଆଜି ଆସି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ

କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ କୁମାର କହିଛନ୍ତି, କଳିଙ୍ଗ ଶୈଳୀର ଅନନ୍ୟ ନିର୍ମାଣ ଓ ବିଶ୍ୱ ଐତିହ୍ୟ ସ୍ଥଳୀ କୋଣାର୍କର ଅଦ୍ଭୁତ କଳା ନୈପୁଣ୍ୟ ଓ ଇତିହାସ ସମ୍ପର୍କରେ ଜାଣି ସେ ଅଭିଭୂତ ହୋଇଛନ୍ତି । କୋଣାର୍କ ସୂର୍ଯ୍ୟମନ୍ଦିର କେବଳ ଓଡ଼ିଶାର ନୁହେଁ; ବରଂ ସମଗ୍ର ଭାରତପାଇଁ ଗୌରବର ପ୍ରତୀକ । କୋଣାର୍କ ଓ ପୁରୀର ଶ୍ରୀମନ୍ଦିର ଓ କୋଣାର୍କ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଅପୂର୍ବ ନିଦର୍ଶନ ବୋଲି ଶ୍ରୀ କୁମାର କହିଛନ୍ତି ।

***Voice :........***

ଏହି ଗସ୍ତ ଅବସରରେ ଶ୍ରୀ କୁମାରଙ୍କ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍‌ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Desk***

# ବୈଜ୍ଞାନିକ ପ୍ରକଳ୍ପ

ଶିକ୍ଷା ହେଉଛି ମାନବ ବିକାଶର ପ୍ରଥମ ପାହାଚ । ଛାତ୍ରଛାତ୍ରୀମାନଙ୍କର ଜ୍ଞାନ ଓ ଦକ୍ଷତାକୁ ଭିତ୍ତିକରି ଭାରତ ବିଶ୍ୱରେ ଶ୍ରେଷ୍ଠ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝରସ୍ଥିତି ଡି.ଏନ୍. ହାଇସ୍କୁଲ ପଡ଼ିଆରେ ଆୟୋଜିତ ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ-୨୦୨୫କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ ଦିଗରେ ବିଜ୍ଞାନ ପ୍ରଦର୍ଶନୀ ପ୍ରକଳ୍ପ ସୁଯୋଗ ସୃଷ୍ଟି କରିବ । ନୂତନ ଶିକ୍ଷାନୀତି-

୨୦୨୦ ଆଧାରରେ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଏହି ଶିକ୍ଷାନୀତି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ବୈଜ୍ଞାନିକ ହୋଇ ନୂଆ ନୂଆ ଜ୍ଞାନକୌଶଳ ଉଦ୍ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର କରିପାରିବେ। ଶିଶୁମାନଙ୍କର ଜିଜ୍ଞାସା ଓ ଗବେଷଣାତ୍ମକ ମନୋଭାବକୁ ଗୁରୁତ୍ୱ ଦିଆଯିବା ଉଚିତ। ନୂଆ ନୂଆ ତଥ୍ୟ ଓ ଉପଲବ୍ଧ ଜ୍ଞାନ ଉପଯୋଗ କରି ଛାତ୍ରଛାତ୍ରୀମାନେ ଗବେଷଣାରେ ମନୋନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ୨୧୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ।

***Desk***

## ଧର୍ମେନ୍ଦ୍ର - ପ୍ରକଳ୍ପ ଉଦ୍‌ଘାଟନ

କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ - ଏନ୍.ଆଇ.ଟି. ପରିସରରେ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଶ୍ରୀ ପ୍ରଧାନ ୩୫ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ୧ ହଜାର ଆସନ ବିଶିଷ୍ଟ ମୁକ୍ତାକାଶ ରଙ୍ଗମଞ୍ଚର ଉଦ୍‌ଘାଟନ କରିଛନ୍ତି । ଇଣ୍ଡୋର ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ବ୍ୟାଡମିଣ୍ଟନ କୋର୍ଟ, ବିଶିଷ୍ଟ ବହୁମୁଖୀ

ସଭାଗୃହ ଏବଂ ଆନୁଷଙ୍ଗିକ ସୁବିଧା ରହିଛି। ଛାତ୍ରଛାତ୍ରୀମାନଙ୍କୁ ଏହା କେବଳ କ୍ରୀଡ଼ା କ୍ଷେତ୍ରରେ ନୁହେଁ ସୃଜନଶୀଳତା ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ନୂତନ ଶିଖରରେ ପହଁଞ୍ଚାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଶିକ୍ଷାନୁଷ୍ଠାନରେ ବାହାରୁ ଥିବା ଛାତ୍ରଛାତ୍ରୀ ନିଜସ୍ୱ ଷ୍ଟାର୍ଟ-ଅପ୍ ମାଧ୍ୟମରେ ହଜାର ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେବାର ସାମର୍ଥ୍ୟ ରଖୁଛନ୍ତି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ ଏନ୍.ଆଇ.ଟିର ମିଳିତ ସହଯୋଗରେ ଭାରତର ଅର୍ଥନୀତିକୁ ତୃତୀୟ ସ୍ଥାନରେ ପହଞ୍ଚାଇବା ଲାଗି ଏକ ଶକ୍ତିଶାଳୀ ମଧ୍ୟମ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

***Puri/R***

# ରତ୍ନଭଣ୍ଡାର - ବୈଠକ

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ଗଣତି ମଣତି ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ଜାରି ରହିଛି । ବୈଠକରେ ରତ୍ନ ଅଳଙ୍କାରର ଗଣତି ମଣତି ସମ୍ପର୍କିତ ମାର୍ଗଦର୍ଶିକାର ଚିଠା ପ୍ରସ୍ତାବ ଉପରେ ଆଲୋଚନା ହେଉଛି । ଗତକାଲି ଶ୍ରୀମନ୍ଦିର ବିଧି ସବ୍‌କମିଟି ବୈଠକରେ ପ୍ରସ୍ତୁତ ହୋଇଥିବା ମାର୍ଗଦର୍ଶିକା ଆଜି କମିଟିର ବୈଠକରେ ଉପସ୍ଥାପନ କରାଯାଇଛି । ବୈଠକରେ ଏ ସମ୍ପର୍କିତ ଆଲୋଚନା କରାଯାଇ ତାହାକୁ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଗତ କରାଯିବା ପରେ ଅନୁମୋଦନ ଲାଭ

କରିବ । ସରକାରଙ୍କ ଅନୁମୋଦନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି କରାଯିବ । ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ପୁରୀ ଏସ୍.ପି., ସେବାୟତ ପ୍ରତିନିଧି ସଦସ୍ୟ ପ୍ରମୁଖ ଉପସ୍ଥିତ ଅଛନ୍ତି ।

***BBSR/R***

## ମେଡିକାଲ୍ ସର୍ଭିସ୍ କମିଟି

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ୍ ସର୍ଭିସ ଆସୋସିଏସନର ବିଭିନ୍ନ ଦାବୀର ଅନୁଧ୍ୟାନ କରିବା ନିମନ୍ତେ ଏକ ଆନ୍ତଃ ବିଭାଗୀୟ କମିଟି ଗଠନ କରାଯାଇଛି । ଅର୍ଥ, ଆଇନ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଏହି କମିଟିର ସଦସ୍ୟ ରହିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର' କମିଟିର ଆବାହକ ଭାବେ କାର୍ଯ୍ୟ କରିବେ । ବିଭିନ୍ନ ଦାବୀକୁ ଏହି କମିଟି ତର୍ଜମା କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ।

***Desk***

## ଇ-ଚାଲାଣ

ଜନସାଧାରଣଙ୍କୁ ଅଧିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଇ-ଚାଲାଣ ଦେୟ ଉଭୟ ଅନଲାଇନ୍

ଏବଂ ଅଫ୍‌ଲାଇନ୍‌ରେ ପୈଠ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ଆର୍.ଟି.ଓ'ମାନଙ୍କୁ ଏ ସମ୍ପର୍କରେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ। ମୋବାଇଲ ନମ୍ବର ସଠିକ୍ ନ ଥିବା ଯୋଗୁଁ ଓଟିପି ପାଉ ନ ଥିବା ଗାଡ଼ି ମାଲିକ ଓ ଇଣ୍ଟରନେଟ୍ ସେବା ଦୁର୍ବଳ ଥିବା ଅଞ୍ଚଳର ଲୋକଙ୍କ ପାଇଁ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

***BBSR/R***

# ଏନ୍.ସି.ସି. କ୍ୟାଡେଟ୍

ନୂଆଦିଲ୍ଲୀରେ ଆଜିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ହେଉଥିବା ସାଧାରଣତନ୍ତ୍ର ଦିବସ ଶିବିରରେ ଯୋଗଦେବାପାଇଁ ଓଡ଼ିଶାର ୧୨୭ ଜଣ ଏନ୍.ସି.ସି. କ୍ୟାଡେଟ୍ ଦିଲ୍ଲୀ ଯାତ୍ରା କରିଛନ୍ତି । ଏଥିରେ କଲେଜ୍ ଏନ୍.ସି.ସି. ଶାଖାର ୧୧୨ ଜଣ ଏବଂ ସ୍କୁଲ୍ ଏନ୍.ସି.ସି. ଶାଖାର ୧୫ ଜଣ କ୍ୟାଡେଟ୍ ରହିଛନ୍ତି । ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ଏବଂ ଏନ୍.ସି.ସି. ପି.ଏମ୍. ର୍‌ୟାଲିରେ ଓଡ଼ିଶାର ଏହି ଦଳ ପ୍ରତିନିଧିତ୍ୱ କରିବ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କ୍ୟାଡେଟ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

*Baragarh/R*

## ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଆଜି ଚତୁର୍ଥ ଦିବସରେ ଗୋପପୁରରେ ଶ୍ରୀକୃଷ୍ଣ ବାଲ୍ୟଲୀଳା, କଂସ ପ୍ରେରିତ ପୁତନା, ବକ୍କା, ସକଟା, ତୃଣା, ଧେନୁ, ଷଣ୍ଢାସୁର ଆଦିଙ୍କୁ ବଧ ଓ ନନ୍ଦୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ମଥୁରା ନଗରୀରେ ବାଣାସୁର ପରାଜୟ, ଷଡ଼ମଲ୍ଲଙ୍କ ମୃତ୍ୟୁ ଖବର ପାଇ କଂସର ଶୋକ, ରାଣୀ ପଦ୍ମାବତୀଙ୍କ ଧନୁଶ୍ରୀ ଓଷା ପାଇଁ ପ୍ରସ୍ତୁତି ଓ କଂସଙ୍କ ଦ୍ୱାରା ମୁକ୍ତେଶ୍ୱର ବାବାଙ୍କ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ମହାରାଜା କଂସ ହାତୀ ଉପରେ ବସି ନଗର ଭ୍ରମଣ କରି ଲୋକଙ୍କ ଗୁହାରୀ ଶୁଣୁଛନ୍ତି । ରାଜ ଦରବାରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

*Ganjam/R*

## ଇ-ଲାଇବ୍ରେରୀ

ଗଞ୍ଜାମ ଜିଲ୍ଲା ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଦୌରାଜଜ୍ ଅଶାନ୍ତ କୁମାର ଦାସ ଆଜି ଇ-ଲାଇବ୍ରେରୀ ଉଦ୍‌ଘାଟନ

କରିଛନ୍ତି । ଇ-ଲାଇବ୍ରେରୀ ବ୍ୟବସ୍ଥା ଯୋଗୁଁ ଓକିଲମାନେ ଏହାର ସୁବିଧା ନେଇପାରିବେ ବୋଲି ଶ୍ରୀ ଦାସ କହିଛନ୍ତି ।

***Nayagarh/R***

## ମହିଳା ଫୁଟ୍‌ବଲ୍

ନୟାଗଡ଼ ଜିଲ୍ଲା ଶରଣକୂଳ ନାରାୟଣ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟକୁ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଛନ୍ତି । ଆଜି ଅନୁଷ୍ଠିତ ଖେଳରେ ଓଡ଼ିଶା ପୁଲିସ, କଟକ' ରାୟପୁରର ଜିଲ୍ଲା ଫୁଟ୍‌ବଲ୍ ଆସୋସିଏସନକୁ ୫-୦ ଗୋଲ୍‌ରେ ପରାସ୍ତ କରିଛି ।

***Bolangir/R***

## ଜନଜାତି କ୍ରୀଡ଼ା ମହୋତ୍ସବ

ବଲାଙ୍ଗିର ଜିଲ୍ଲା ଖଲିଆପାଲି ଖେଳପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜନଜାତି କ୍ରୀଡ଼ା ମହୋତ୍ସବକୁ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଉଦ୍‌ଘାଟନ କରିଛନ୍ତି । ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ଉତ୍ସବରେ ୧୬ଟି ଜିଲ୍ଲାର ୩୭୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।

ଖେଳକୁଦ ପ୍ରତିଯୋଗିତାଦ୍ୱାରା କ୍ରୀଡ଼ା ପ୍ରତିଭାକୁ ଆଗେଇ ନେବାରେ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହନ ମିଳିବା ସହ ଦେଶର ପାରମ୍ପରିକ ଖେଳକୁଦ ବଜାୟ ରହିବ ବୋଲି ଶ୍ରୀମତୀ ସିଂହଦେଓ କହିଛନ୍ତି ।

*Met. O.*

## ପାଣିପାଗ

ରାଜ୍ୟରେ ଶୀତଲହରୀ ଜାରି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଚଳିତ ମାସ ଶେଷ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ରାଜ୍ୟର ଦକ୍ଷିଣ, ଉତ୍ତର, ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ରାତିର ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରାଠାରୁ ଏକ କିମ୍ବା ଦୁଇ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ହେବା ନେଇ ସୁନ୍ଦରଗଡ଼, ନୟାଗଡ଼ ଓ ଢେଙ୍କାନାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******